

# ସୋରିଷ ଚାଷ

ସୋରିଷ ଏକ ଲାଭଜନକ ତୈଳବୀଜ ଫସଲ । ସାଧାରଣତଃ ଢିପ ମଝିଆଳି, ନିଗିଡ଼ା ଜମିରେ ଦ୍ୱିତୀୟ ଫସଲ ହିସାବରେ ଚାଷକଲେ ଭଲ ଅମଳ ମିଳିଥାଏ ।

**ମୃତ୍ତିକା** - ପଟୁ ଓ ନିଗିଡ଼ା ମଟାଳ ମାଟି ସୋରିଷ ଚାଷ ପାଇଁ ଉପଯୁକ୍ତ । ସନ୍ତସନ୍ତିଆ ଜମିରେ ସୋରିଷ ଚାଷ ହୋଇପାରେ ନାହିଁ ।

**ଜମି ପ୍ରସ୍ତୁତି ଓ ବୁଣିବା ସମୟ** - ଜମି ନିର୍ବାଚନ କରିସାରିବା ପରେ ଜମିକୁ ୩-୪ ଓଡ଼ ଚାଷ କରନ୍ତୁ । ପ୍ରତ୍ୟେକ ଓଡଚାଷ ପରେ ମଇଦେଲେ ମାଟି ଭଲ ଭାବେ ଗୁଣ୍ଡ ହୋଇଥାଏ । ଚାଷକରି ଘାସ ଓ ପୂର୍ବ ଫସଲର ମୂଳି ବାଛି ସଫା କରିଦିଅନ୍ତୁ । ଏହି ଫସଲକୁ ଦ୍ୱିତୀୟ ଫସଲ ହିସାବରେ ଛୋଟ ଧାନ, ମାଣ୍ଡିଆ, ମକା ଇତ୍ୟାଦି ଫସଲ ପରେ ଚାଷ କରାଯାଏ । ମାଟିର ବତର ଥିବା ଅବସ୍ଥାରେ ସେପ୍ଟେମ୍ବର ମାସ ଶେଷ ଭାଗରୁ ଅକ୍ଟୋବର ମାସ ମଧ୍ୟଭାଗ ପର୍ଯ୍ୟନ୍ତ ନିପାଣିଆ ସୋରିଷ ହିସାବରେ ଏମ୍-୨୭, ପିଟି-୩୦୩, ପାର୍ବତୀ ଓ ଅନୁରାଧା କିସମ ସୋରିଷ ବୁଣନ୍ତୁ । ଜଳସେଚନର ସୁବିଧା ଥିଲେ ପୁଷାବୋଲ୍ଡ, ବରୁଣ, ପୁଷା ଜୟକିଷାନ୍, ପୁଷା ଅଗ୍ରଣୀ କିସମର ସୋରିଷ, ଛୋଟ ଓ ମଝିଆଳି ଧାନ କାଟି ସାରିବା ପରେ ନଭେମ୍ବର ଶେଷ ପର୍ଯ୍ୟନ୍ତ ବୁଣା ହୋଇପାରିବ । ବୁଣା ଡେରି କଲେ ଜଉପୋକ ଫସଲକୁ ବିଶେଷ କ୍ଷତି କରନ୍ତି । ଅନୁଭୂତି ଓ ବିଭିନ୍ନ ପରୀକ୍ଷାରୁ ଜଣାଯାଇଛିଯେ, ଜଉପୋକ ଏହି ଫସଲର ଶତକଡ଼ା ୫୦ ଭାଗ କ୍ଷତି କରିଥାନ୍ତି ।

**ବିହନ :**

| କିସମ | ଅମଳ ଅବଧି | ବିଶେଷ ଗୁଣ |
|---|---|---|
| ପାର୍ବତୀ | ୭୫ ଦିନ | ଅଣ ଜଳସେଚିତ ଅଞ୍ଚଳରେ ଚାଷ ହୁଏ |
| ଅନୁରାଧା | ୭୫ ଦିନ | ଅଣ ଜଳସେଚିତ ଅଞ୍ଚଳରେ ଚାଷ ହୁଏ |
| ଏମ୍-୨୭ | ୭୫ ଦିନ | ଅଣ ଜଳସେଚିତ ଅଞ୍ଚଳରେ ଚାଷ ହୁଏ |
| ପିଟି-୩୦୩ | ୭୫ ଦିନ | ଅଣ ଜଳସେଚିତ ଅଞ୍ଚଳରେ ଚାଷ ହୁଏ |
| ପୁଷା ଅଗ୍ରଣୀ | ୯୬ ଦିନ | ଜଳସେଚିତ ଅଞ୍ଚଳରେ ଚାଷ ହୁଏ |
| ପୁଷା ବୋଲ୍ଡ | ୧୦୫ ଦିନ | ଜଳସେଚିତ ଅଞ୍ଚଳରେ ଚାଷ ହୁଏ |
| ପୁଷା ଜୟ କିଷାନ୍ | ୧୨୦ ଦିନ | ଜଳସେଚିତ ଅଞ୍ଚଳରେ ଚାଷ ହୁଏ |
| ବରୁଣ | ୧୧୫ | ଜଳସେଚିତ ଅଞ୍ଚଳରେ ଚାଷ ହୁଏ |